

୨

SAMBAD - 25-05-2010

# ବିପିୟୁଟି ସର୍ଭେ ଆଇଆଇପିଏମ ନବମ ସ୍ଥାନରେ

ରାଉରକେଲା, ୨୪/୫(ଇମିସ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ସର୍ଭେରେ କାଂଶବାହାଲସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପ୍ରଡକସନ୍ସ ମ୍ୟାନେଜମେଣ୍ଟ (ଆଇଆଇପିଏମ୍ ସ୍କୁଲ ଅଫ ମ୍ୟାନେଜମେଣ୍ଟ) ନବମ ସ୍ଥାନ ହାସଲ କରିଥିବା ଜଣାପଡ଼ିଛି।

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ମଧ୍ୟରୁ ଭୁବନେଶ୍ୱରର କିଛି କଲେଜକୁ ଛାଡ଼ି ଦେଲେ ରାଜ୍ୟରେ ନବମ ସ୍ଥାନ ହାସଲ କରିଥିବା ବେଳେ ରାଉରକେଲାରେ କାଂଶବାହାଲସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପ୍ରଡକସନ୍ସ ମ୍ୟାନେଜମେଣ୍ଟ (ଆଇଆଇପିଏମ୍ ସ୍କୁଲ ଅଫ ମ୍ୟାନେଜମେଣ୍ଟ) ନମ୍ବର ଓ୍ୱାନ ମ୍ୟାନେଜମେଣ୍ଟ କଲେଜର ମାନ୍ୟତା ପାଇଛି। କଲେଜର ଏଭଳି ସଫଳତା ସମ୍ପର୍କରେ ଜାଣି କମିସନର ତଥା ସଚିବ ସୌରଭ ଗର୍ଗ ସନ୍ତୋଷ ବ୍ୟକ୍ତ କରିବା ସହ କଲେଜର ଏହି ମାନ୍ୟତାକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଛନ୍ତି ବୋଲି ଆଇଆଇପିଏମର ଅଧ୍ୟକ୍ଷ ଡ.ମିହିର ରଂଜନ ନାୟକ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଗତ ୨୦୦୭ରେ କାଂଶବାହାଲଠାରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପ୍ରଡକସନ୍ସ ମ୍ୟାନେଜମେଣ୍ଟ (ଆଇଆଇପିଏମ୍) ପ୍ରତିଷ୍ଠା କରାଯାଇଥିଲା। ଉତ୍କର୍ଷ ଶିକ୍ଷାଦାନ, ଉନ୍ନତମାନର ଜ୍ଞାନକୌଶଳ ତଥା ପ୍ରବୀଣ ଅଧ୍ୟାପକ ମାନଙ୍କ ଉଦ୍ୟମ ବଳରେ ଏଠାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଥାନରେ ସଫଳତା ଲାଭ କରିପାରୁଛନ୍ତି।